# NATIONAL NEWS BULLETIN (ODIA)

**9 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ୨୦୨୪-୨୫ ଆର୍ଥିକ ବର୍ଷରେ ବାର୍ଷିକ ପ୍ରତିରକ୍ଷା ଉତ୍ପାଦନ ପରିମାଣ ୧ଲକ୍ଷ ୫୫ହଜାର କୋଟି ଟଙ୍କାକୁ ବୃଦ୍ଧି ।

- ଭାଇଭଉଣୀ ମଧ୍ୟରେ ସମ୍ପର୍କର ନିଦର୍ଶନ ସ୍ୱରୂପ ଆଜି ପାଳିତ ହେଉଛି ରକ୍ଷାବନ୍ଧନ ପର୍ବ ।

- ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ।

- ରୁଷ୍‌କୁ କୌଣସି ଜମି ପ୍ରଦାନ କରାଯିବ ନାହିଁ - କହିଲେ ୟୁକ୍ରେନ୍ ରାଷ୍ଟ୍ରପତି ।

ଏବଂ

- ବିଶ୍ୱର ବିଭିନ୍ନ ଭାଗରେ ତାପମାତ୍ରା ବୃଦ୍ଧି ପାଉଥିବା ନେଇ ଡବ୍ଲ୍ୟୁଏମ୍‌ଓର ସୂଚନା ।

## ଡିଫେନ୍ସ ପ୍ରଡକ୍ସନ ମାଇଲ୍‌ଷ୍ଟୋନ

୨୦୨୪-୨୫ ଆର୍ଥିକ ବର୍ଷରେ ବାର୍ଷିକ ପ୍ରତିରକ୍ଷା ଉତ୍ପାଦନ ପରିମାଣ ୧ଲକ୍ଷ ୫୧ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଏହି ସଫଳତା ପୂର୍ବବର୍ଷ

ତୁଳନାରେ ୧୮ ପ୍ରତିଶତ ଅଧିକ ଥିବା ଜଣାଯାଇଛି । ପୂର୍ବ ଆର୍ଥିକ ବର୍ଷରେ ପ୍ରତିରକ୍ଷା ଉତ୍ପାଦନ ପରିମାଣ ୧ଲକ୍ଷ ୨୭ହଜାର କୋଟି ଟଙ୍କା ଥିଲା । ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଦେଶର ଏହି ସଫଳତାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଏହା ପ୍ରତିରକ୍ଷା ଶିଳ୍ପ ଭିତ୍ତିଭୂମି ସୁଦୃଢ଼ ଦିଗରେ ସ୍ପଷ୍ଟ ସୂଚନା ପ୍ରଦାନ କରୁଛି । ସାମାଜିକ ଗଣମାଧ୍ୟମରେ ମନ୍ତ୍ରୀ ଶ୍ରୀ ସିଂହ ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରତିରକ୍ଷା ଉତ୍ପାଦନ ବିଭାଗ ଏବଂ ଅଂଶୀଦାରମାନଙ୍କୁ ପ୍ରଶଂସା କରିଛନ୍ତି ।

## ରକ୍ଷାବନ୍ଧନ

ଭାଇ ଓ ଭଉଣୀ ମଧ୍ୟରେ ସମ୍ପର୍କର ନିଦର୍ଶନ ସ୍ୱରୂପ ଆଜି ସମଗ୍ର ଦେଶରେ ରକ୍ଷାବନ୍ଧନ ପର୍ବ ପାଳନ କରାଯାଉଛି । ଏହି ଅବସରରେ ଭଉଣୀମାନେ ସେମାନଙ୍କ ଭାଇ ହାତରେ ରାଖି ବାନ୍ଧି ସେମାନଙ୍କ ସମୃଦ୍ଧି, ଉତ୍ତମ ସ୍ୱାସ୍ଥ୍ୟ ଓ ମଙ୍ଗଳ କାମନା କରିଥାନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରକ୍ଷାବନ୍ଧନ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି କହିଛନ୍ତି ପବିତ୍ର ରକ୍ଷାବନ୍ଧନ ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ପ୍ରେମ ଓ ବିଶ୍ୱାସର ଅନନ୍ୟ ବନ୍ଧନକୁ ସୂଚିତ କରିଥାଏ । ସେ କହିଛନ୍ତି ଏହି ପର୍ବ ସମାଜରେ ସଦ୍‌ଭାବନା ଓ ଏକତାର ଭାବକୁ ପ୍ରୋତ୍ସାହିତ କରେ ।

ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଖକୁ

ଅମୃତସରରୁ ଅପରେସନ ସିନ୍ଦୂରର ସମ୍ମାନାର୍ଥେ ବହୁସଂଖ୍ୟାରେ ରାଖି ପଠାଯାଇଥିଲା ।

ସୀମା ସୁରକ୍ଷା ବାହିନୀର ଜବାନମାନେ ଆଜି ସୀମାନ୍ତରେ ରାଖି ବାନ୍ଧି ରକ୍ଷାବନ୍ଧନ ଉତ୍ସବ ପାଳନ କରିଛନ୍ତି । ପଞ୍ଜାବ ସୀମାନ୍ତବର୍ତ୍ତୀ ଅଟାରୀ-ୱାଘା ମିଳିତ ଚେକ୍‌ପୋଷ୍ଟ ଅମୃତସରଠାରେ ପହରା ଦେଉଥିବା ବୀର ଜବାନମାନଙ୍କ ହାତରେ ମହିଳା ଏବଂ ଝିଅମାନେ ରାଖି ବାନ୍ଧିଛନ୍ତି । ପଞ୍ଜାବର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରଫେସର ଲକ୍ଷ୍ମୀକାନ୍ତ ଚାଓଲା ସୀମାନ୍ତରେ ଥିବା ସେନା ଜବାନମାନଙ୍କ ସହ ରକ୍ଷାବନ୍ଧନ ଉତ୍ସବ ପାଳନ କରିଛନ୍ତି ।

ସେହିପରି ଚଣ୍ଡୀଗଡଠାରେ ସିଆର୍‌ପିଏଫ୍ ଜବାନମାନେ ରକ୍ଷାବନ୍ଧନ ଉତ୍ସବ ପାଳନ କରିଛନ୍ତି । ଜବାନମାନେ ରାଖି ପିନ୍ଧି ଦେଶକୁ ସୁରକ୍ଷା ପ୍ରଦାନ କରିବା ଲାଗି ନିରବ ପ୍ରତିଜ୍ଞା ପାଳନ କରୁଥିବା ଦେଖାଯାଇଥିଲା ।

## ପିଏମ୍-କ୍ୱିଟ ଇଣ୍ଡିଆ ମୁଭମେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତଛାଡ ଆନ୍ଦୋଳନରେ ଭାଗ ନେଇଥିବା ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ସମ୍ମାନ ଜଣାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି ସେମାନଙ୍କ ଅସୀମ ସାହସ ଓ ତ୍ୟାଗ ଦେଶବାସୀଙ୍କ ମନରେ ଦେଶାତ୍ମ ଭାବନା ଜାଗ୍ରତ କରିଥିଲା । ଯାହାକି

ଦେଶକୁ ସ୍ୱାଧୀନତା ଆଣିବା ଲାଗି ଅଗଣିତ ଜନତାକୁ ଏକତ୍ର କରିପାରିଥିଲା ।

## ପିଏମ୍ ସଂସ୍କୃତ ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରାବଣ ପୂର୍ଣ୍ଣିମା ଅବସରରେ ଆଜି ପାଳନ କରାଯାଉଥିବା ବିଶ୍ୱ ସଂସ୍କୃତ ଦିବସ ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି ସଂସ୍କୃତ ଭାଷା ହେଉଛି ଜ୍ଞାନ ଏବଂ ଭାବନାର ଏକ ନିରନ୍ତର ସ୍ରୋତ । ଏହାର ପ୍ରଭାବ ବିଭିନ୍ନ କ୍ଷେତ୍ରରେ ପରିଲକ୍ଷିତ ହୋଇଥାଏ । ଗତ ଦଶନ୍ଧିରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଂସ୍କୃତ ଭାଷାକୁ ଲୋକପ୍ରିୟ କରିବା ଲାଗି ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଇଛି । କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଂସ୍କୃତ ଶିକ୍ଷା କେନ୍ଦ୍ର ସ୍ଥାପନ କରାଯିବା ସହ ଛାତ୍ରଛାତ୍ରୀମାନଙ୍କ ଉନ୍ନତ ସଂସ୍କୃତ ଶିକ୍ଷା ଏବଂ ସଂସ୍କୃତ ଲେଖାଗୁଡ଼ିକର ଡିଜିଟାଇଜେସନ କରିବା ଲାଗି ଜ୍ଞାନ ଭାରତମ୍ ମିଶନ ନିମନ୍ତେ ସହାୟତା ରାଶି ଯୋଗାଇ ଦିଆଯାଇଛି । ଏହାଦ୍ୱାରା ଅଗଣିତ ଛାତ୍ରଛାତ୍ରୀ ଏବଂ ଗବେଷକମାନେ ଉପକୃତ ହୋଇପାରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ବିଶ୍ୱର ବିଭିନ୍ନ ଭାଗରେ ଥିବା ବ୍ୟକ୍ତିବିଶେଷ ଯେଉଁମାନେ କି ସଂସ୍କୃତ ଶିକ୍ଷା ଗ୍ରହଣ କରିବା ସହ ଏହି ଭାଷାକୁ

ଲୋକପ୍ରିୟ କରିପାରିଛନ୍ତି ସେମାନଙ୍କର ଏହି ପଦକ୍ଷେପକୁ ପ୍ରଶଂସା କରିବା ଲାଗି ଏହି ଦିବସ ପାଳନ ଉଦ୍ଦିଷ୍ଟ ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ଜେଲେନେସ୍କି-ଟ୍ରମ୍ପ-ପୁଟିନ

ଆସନ୍ତା ସପ୍ତାହରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଆଲୋଚନା ହେବା ନେଇ ଘୋଷଣା ହେବା ପରେ ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଦେମିର୍ ଜେଲେନେସ୍କି ରୁଷିଆକୁ କୌଣସି ଅଞ୍ଚଳ ପ୍ରଦାନ କ୍ଷେତ୍ରରେ କୋହଳ ମନୋଭାବ ପୋଷଣ କରିବ ନାହିଁ ବୋଲି କହିଛି । ଗଣମାଧ୍ୟମରେ ପୋଷ୍ଟ କରି ଜେଲେନେସ୍କି କହିଛନ୍ତି ୟୁକ୍ରେନ୍‌ବାସୀ ସେମାନଙ୍କର ଜମି ପ୍ରଦାନ କରିବେ ନାହିଁ । ଶାନ୍ତି ପ୍ରତିଷ୍ଠା ପାଇଁ ସମାଧାନ ପନ୍ଥା ଅବଲମ୍ବନ ଦିଗରେ ୟୁକ୍ରେନ୍ ନିଶ୍ଚିତଭାବେ ସାମିଲ ହେବ ବୋଲି ଜେଲେନେସ୍କି ଦୋହରାଇଛନ୍ତି । ଦେଶରେ ବାସ୍ତବ ଏବଂ ଦୀର୍ଘସ୍ଥାୟୀ ଶାନ୍ତି ବଜାୟ ରଖିବା ଲାଗି ଅଂଶୀଦାରଙ୍କ ସହ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ସେ କହିଛନ୍ତି । ଆସନ୍ତା ୧୫ ତାରିଖ ଶୁକ୍ରବାର ଶ୍ରୀ ପୁଟିନଙ୍କ ସହ ଶ୍ରୀ ଟ୍ରମ୍ପ ୟୁକ୍ରେନରେ ଚାଲିଥିବା ଯୁଦ୍ଧ ସମ୍ପର୍କରେ ଆଲୋଚନା କରିବା ଲାଗି ସୂଚନା ଦେଇଥିଲେ ।

# ଚୀନ୍-ଇଣ୍ଡିଆ ଏସ୍‌ସିଓ ମିଟିଂ

ଚଳିତ ମାସ ୩୧ ତାରିଖରୁ ଚୀନ୍‌ର ତିଆନ୍‌ଜିନ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବେ । ଏହି ଦୁଇଦିନିଆ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଯୋଗଦାନକୁ ଚୀନ୍ ସ୍ୱାଗତ କରିଛି । ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଗୋ ଜିଆକୁନ୍ କହିଛନ୍ତି, ୨୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରର ଏହି ସମ୍ମିଳନୀରେ ଯୋଗଦାନ ହେଉଛି ବନ୍ଧୁତ୍ୱ, ଏକତା ଓ ଦୃଢ଼ତାର ପ୍ରତିଫଳନ ।

ସୂଚନାଯୋଗ୍ୟ ୨୦୦୧ ମସିହା ଜୁନ୍ ୧୫ ତାରିଖରେ ସାଂଘାଇ ଠାରେ ଏହି ସ୍ଥାୟୀ ଆନ୍ତ ସରକାରୀ ଆର୍ନ୍ତାତିକ ସଂଗଠନ ପ୍ରତିଷ୍ଠା କରାଯାଇଥିଲା । ଏଥିରେ ଭାରତ, ଇରାନ୍, କାଜାକାସ୍ତାନ, ଚୀନ୍, କିର୍‌ଗିଜ୍‌ସ୍ତାନ, ପାକିସ୍ତାନ, ରୁଷ, ତାଜିକିସ୍ତାନ, ଉଜ୍‌ବେକିସ୍ତାନ ଓ ବେଲାରୁଷ ସଦସ୍ୟ ଅଛନ୍ତି ।

# ଉତ୍ତରକାଶୀ ରେସ୍କ୍ୟୁ

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲା ଅନ୍ତର୍ଗତ ଧରାଳି-ହର୍ଷିଲ ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି । ଉଦ୍ଧାର କାର୍ଯ୍ୟରେ ବହୁସଂଖ୍ୟାରେ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି । ଅତ୍ୟାଧୁନିକ ଯନ୍ତ୍ରାଂଶ ଏବଂ ହେଲିକପ୍ଟର ମାଧ୍ୟମରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏପର୍ଯ୍ୟନ୍ତ ୭୭୫ଜଣ ଲୋକଙ୍କୁ ଉଦ୍ଧାର କରାଯାଇ

ସାରିଲାଣି । ସେନା ଜବାନ, ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍, ପୋଲିସ ଏବଂ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରଭାବିତ ଲୋକମାନଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯାଉଛି । ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ଓ ଜଳ ଯୋଗାଣ, ସ୍ୱାସ୍ଥ୍ୟସେବା ଏବଂ ସଡ଼କ ଯୋଗାଯୋଗ ପୁନଃକାର୍ଯ୍ୟକ୍ଷମ ନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରହିଛି । ଲିମ୍‌ଚିଗଡଠାରେ ବେଲେ ସେତୁ ନିର୍ମାଣ ପାଇଁ ସେନା କର୍ମଚାରୀମାନେ ନିରନ୍ତର କାର୍ଯ୍ୟରେ ଲାଗିଛନ୍ତି । ସେହିପରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତରୀ ଦଳ ସହ ସମସ୍ତ ପ୍ରକାର ଔଷଧ ପ୍ରଭାବିତ ଲୋକମାନଙ୍କୁ ଯୋଗାଇ ଦିଆଯାଉଛି ।

**V/O (Sakhi Singh)**

# ଜେକେ ଏନ୍‌କାଉଣ୍ଟର

ଦକ୍ଷିଣ କାଶ୍ମୀରର କୁଲଗାମ ଜିଲ୍ଲା ଅନ୍ତର୍ଗତ ଅଖଲ ଜଙ୍ଗଲ ଅଞ୍ଚଳରେ ଚାଲିଥିବା ସନ୍ତ୍ରାସବାଦୀ ନିରୋଧୀ ଅଭିଯାନରେ ଆହତ ୨ଜଣ ଯବାନଙ୍କର ମୃତ୍ୟୁ ଘଟିଛି । ଗତ ଶୁକ୍ରବାରଠାରୁ ସେନାବାହିନୀର ଜବାନ ଓ ସନ୍ତ୍ରାସବାଦୀ ମାନଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି । ପ୍ରାଣ ହରାଇଥିବା ୨ଜଣ ଯବାନ ହେଲେ ଲାନ୍ସ ନାଏକ, ପ୍ରୀତପାଲ ସିଂହ ଏବଂ ସିପାହି ହରମିନ୍ଦର ସିଂହ ବୋଲି ସେନାବାହିନୀର ମୁଖପାତ୍ର ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି । ପୋଲିସ ପକ୍ଷରୁ କୁହାଯାଇଛି ଗତ ରାତିରୁ ବୋମା ବିସ୍ଫୋରଣ ଏବଂ ଗୁଳି ବିନିମୟ ଜାରି ରହିଛି । ସନ୍ଦିଗ୍ଧ

ଅଞ୍ଚଳରେ ସନ୍ତ୍ରାସବାଦୀମାନେ ଲୁଚି ରହିଥିବା ସନ୍ଦେହ କରି ସେହି ଅଞ୍ଚଳକୁ ଘେରାଉ କରି ରଖାଯାଇଛି । ସୁରକ୍ଷା ବ୍ୟବସ୍ଥାକୁ ସେହି ଅଞ୍ଚଳରେ କଡାକଡି କରାଯାଇଛି । ଜଙ୍ଗଲ ଅଞ୍ଚଳରେ ସନ୍ତ୍ରାସବାଦୀମାନଙ୍କ ଉପରେ ନଜର ରଖିବା ଲାଗି ଡ୍ରୋନ୍ ସର୍ବେକ୍ଷଣ ବ୍ୟବସ୍ଥା ଏବଂ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସେହି ଅଞ୍ଚଳରେ ବହୁ ସଂଖ୍ୟାରେ ସନ୍ତ୍ରାସବାଦୀମାନେ ରହିଥିବା ଅନୁମାନ କରାଯାଉଛି । ପୋଲିସ ପକ୍ଷରୁ କୁହାଯାଇଛି ଚାଲିଥିବା ସନ୍ତ୍ରାସବାଦୀ ନିରୋଧୀ ଅଭିଯାନରେ ୩ଜଣ ସନ୍ତ୍ରାସବାଦୀ ନିହତ ହୋଇଛନ୍ତି ।

## ଡବ୍ଲ୍ୟୁଏମ୍ଡି-ଓ୍ୱାର୍ମିଙ୍ଗ

ବିଶ୍ୱ ପାଣିପାଗ ସଂଗଠନ ଡବ୍ଲ୍ୟୁଏମ୍ଓ ପକ୍ଷରୁ ବିଶ୍ୱର ବିଭିନ୍ନ ପ୍ରାନ୍ତରରେ ପ୍ରବଳ ଗ୍ରୀଷ୍ମପ୍ରବାହ ନେଇ ସତର୍କ ସୂଚନା ଜାରି କରାଯାଇଛି । ଡବ୍ଲ୍ୟୁଏମ୍ଓର ତଥ୍ୟ ଅନୁଯାୟୀ ବିଭିନ୍ନ ଅଞ୍ଚଳରେ ବିଶ୍ୱ ତାପମାତ୍ରା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । କେତେକ ସ୍ଥାନରେ ତାପମାତ୍ରା ରେକର୍ଡ ସ୍ତର ଅତିକ୍ରମ କରିଛି । ତଥ୍ୟ ଅନୁଯାୟୀ ଚଳିତବର୍ଷ ହାରାହାରି ସାମୁଦ୍ରିକ ଉପରିସ୍ଥ ତାପମାତ୍ରା ତୃତୀୟ ବୃହତ୍ତମ ସ୍ତରରେ ପହଞ୍ଚିଛି । ଜୁଲାଇ ମାସରେ ୟୁରୋପ୍‌ରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିବା କାରଣରୁ ସ୍ୱିଡେନ୍ ଏବଂ ଫିନ୍‌ଲାଣ୍ଡ ପ୍ରଭାବିତ ହୋଇଥିଲା । ସେଠାରେ ତାପମାତ୍ରା

୩୦ଡିଗ୍ରୀ ସେଲସିୟସ ଅତିକ୍ରମ କରିଥିଲା । ଗତ ସପ୍ତାହରେ ପଶ୍ଚିମ ଏସିଆ, ଦକ୍ଷିଣାଞ୍ଚଳ କେନ୍ଦ୍ରୀୟ ଏସିଆ, ଉତ୍ତର ଆଫ୍ରିକାର ଅଧିକାଂଶ ଭାଗ, ପାକିସ୍ତାନର ଦକ୍ଷିଣାଞ୍ଚଳ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଦକ୍ଷିଣ ପଶ୍ଚିମାଞ୍ଚଳରେ ସର୍ବାଧିକ ତାପମାତ୍ରା ୪୨ଡିଗ୍ରୀ ସେଲସିୟସ ଅତିକ୍ରମ କରିଥିବା ଡବ୍ଲ୍ୟୁଏମ୍‌ଓ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ଇରାନ୍‌ର ଦକ୍ଷିଣାପଶ୍ଚିମାଞ୍ଚଳ ଏବଂ ଇରାକ୍‌ର ପୂର୍ବାଞ୍ଚଳରେ ସର୍ବାଧିକ ତାପମାତ୍ରା ପରିଲକ୍ଷିତ ହୋଇଥିଲା । ଅତ୍ୟଧିକ ତାପମାତ୍ରା ଯୋଗୁଁ ବିଶ୍ୱର ବିଭିନ୍ନ ଭାଗରେ ଜଙ୍ଗଲରେ ନିଆଁ ଲାଗୁଥିବାର ସୂଚନା ମିଳିଛି । ଫଳରେ ବାୟୁର ଗୁଣାତ୍ମକ ମାନ ନଷ୍ଟ ହେଉଥିବା ଡବ୍ଲ୍ୟୁଏମ୍‌ଓ ପକ୍ଷରୁ କୁହାଯାଇଛି ।

## କାଲିଫର୍ଣ୍ଣିଆ ଫାୟାର

ଦକ୍ଷିଣ କାଲିଫର୍ଣ୍ଣିଆ ଅଞ୍ଚଳରେ ତାପମାତ୍ରା ବୃଦ୍ଧି କାରଣରୁ ଜଙ୍ଗଲରେ ଦ୍ରୁତଭାବରେ ନିଆଁ ବ୍ୟାପୁଥିବା ସୂଚନା ମିଳିଛି । ସଂଖ୍ୟାଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି । ଗୁରୁବାର ଜଙ୍ଗଲରେ ନିଆଁ ଲାଗିଥିଲା । ଏହା କ୍ରମଶଃ ୧୯ ଦଶମିକ ୪ ବର୍ଗ କିଲୋମିଟରକୁ ବ୍ୟାପିଯାଇଥିବା କାଲିଫର୍ଣ୍ଣିଆର ଜଙ୍ଗଲ ଏବଂ ଜଙ୍ଗଲ ସୁରକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଲସ୍ ଏଞ୍ଜେଲ୍‌ସର ୫ଟି ଜୋନ୍ ଅଞ୍ଚଳର ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ପ୍ରାୟ ୨ହଜାର

୭୦୦ ପରିବାର ସ୍ଥାନାନ୍ତରିତ ହୋଇଥିବା ଜଣାଯାଇଛି । ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବା ନିମନ୍ତେ ୪୦୦ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ବିଶ୍ୱ ତାପମାତ୍ରା ବୃଦ୍ଧି କାରଣରୁ ଆମେରିକାରେ ବିଭିନ୍ନ ଭାଗରେ ଥିବା ଜଙ୍ଗଲରେ ଲଗାତର ନିଆଁ ଲାଗୁଥିବା ସୂଚନା ମିଳିଛି ।